**ନିର୍ବାଚନୀ ହିଂସା, ଜଣେ ଗୁରୁତର**

ଚାନ୍ଦବାଲି,(ଡି.ଏନ୍.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଜାଗୁଲା ପଞ୍ଚାୟତରେ ପ୍ରାକ୍ ନିର୍ବାଚନୀ ହିଂସାରେ ଜଣେ ଆହତ ହୋଇ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଜାଗୁଲା ପଞ୍ଚାୟତ ବଳଭଦ୍ରପ୍ରସାଦ ଗାଁର ତପନ ମାଇତି କଇଥଖୋଲା ବଜାରରୁ ବୁଧବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ରାସ୍ତାରେ ମଣ୍ଡଳପଡ଼ାଠାରେ ୪ ଜଣ ଯୁବକ ନିର୍ବାଚନ ପ୍ରଚାରକୁ ନେଇ ତାଙ୍କ ସହିତ ବଚସା କରିବା ସହିତ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତର ହୋଇଥିଲେ। ଏ ନେଇ ଧାମରା ସାମୁଦ୍ରିକ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।



# ବିକାଶ ବନାମ ସମ୍ମାନର ଲଢ଼େଇ

## ଖଇରା ୫ ନଂ. ତୁଡିଗଡିଆ ଜୋନ

**ଖଇରା, ୧୭।୨(ଡି.ଏନ.ଏ.)**


ମାନସ ଦାଶ


ରାଜେଶ ମହାକୁଡ଼


ବସନ୍ତ ଦତ୍ତ


ଶୁଭାଶିଷ ପାଣି

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୫ନଂ. ତୁଡିଗଡିଆ ଜୋନରେ ଚଳିତ ପଞ୍ଚାୟତ ନିର୍ବାଚନରେ ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ବିଜେଡିରୁ ମାନସ କୁମାର ଦାଶ, ଭାଜପାରୁ ରାଜେଶ କୁମାର ମହାକୁଡ, କଂଗ୍ରେସରୁ ବସନ୍ତ କୁମାର ଦତ୍ତ ଓ ଆମ ଆଦମୀ ପାର୍ଟିରୁ ଶୁଭାଶିଷ ପାଣିଙ୍କ ଭାଗ୍ୟ ପରୀକ୍ଷା ହେବ । ୨ ଯୁବ ସଙ୍ଗଠକ ମାନସ ଓ ରାଜେଶଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବାର ସମ୍ଭାବନା ଅଧିକ ଥିବା ବେଳେ କଂଗ୍ରେସର ବସନ୍ତ ନିର୍ଣ୍ଣାୟକ ଭୂମିକା ନେବେ ବୋଲି କୁହାଯାଉଛି । ଲଢେଇ ଓ ଏହାର ଫଳାଫଳ ଜାଣିବାକୁ କେବଳ ସିମୁଳିଆ ନିର୍ବାଚନମଣ୍ଡଳୀ କାହିଁକି ବାଲେଶ୍ୱର ଜିଲାବାସୀଙ୍କ ନଜର ରହିଛି।

ବିଗତ ଫଳାଫଳକୁ ଅନୁଧ୍ୟାନ କଲେ ୧୯୯୭ରେ ବାସନ୍ତୀଲତା ଶିଅଳ, ୨୦୦୨ରେ ସୁବାସ ଚନ୍ଦ୍ର ପ୍ରଧାନ, ୨୦୦୭ରେ ବିଷ୍ଣୁପଦ ଘଡେଇ, ୨୦୧୨ରେ ସୁଶାନ୍ତ କୁମାର ମହାକୁଡ ଓ ୨୦୧୭ରେ ଜୟନ୍ତୀ ମହଲା ଜିଲା ପରିଷଦ ସଦସ୍ୟା ଭାବେ କ୍ଷମତା ହାତେଇ ଥିଲେ । ୨୦୧୭ ନିର୍ବାଚନରେ ବିଜେଡିର ଜୟନ୍ତୀ ମହଲା ଭାଜପାର ତିଳୋତ୍ତମା ତ୍ରିପାଠୀଙ୍କୁ ୨ହଜାର ୬୪୪ଖଣ୍ଡ ଭୋଟରେ ପରାସ୍ତ କରିଥିବା ବେଳେ କଂଗ୍ରେସ ୨ହଜାର ୮୨୭ଖଣ୍ଡ ଭୋଟ ପାଇଥିଲା । ୨୦୧୭ର ଏହି ଜୋନରେ ମୌଳିକ ସମସ୍ୟା ଯଥା ଅବହେଳିତ ଶହୀଦ ମାର୍ଗ ଓ ତୁଡିଗଡିଆ ପର୍ଯ୍ୟଟନକ୍ଷେତ୍ର, ପାନୀୟଜଳ ସମସ୍ୟା ପାଇଁ ସେତେବେଳେ ଭାଜପା ବିରୋଧୀ ହାତେଇବାକୁ ସମର୍ଥ ହୋଇଥିଲା । ହେଲେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମନ୍ତ୍ରୀ ପଦ ସମ୍ଭାଳିବା ପରେ ଏହି ଜୋନରେ ବିକାଶର କାର୍ଯ୍ୟକୁ ଯଥାସମ୍ଭବ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରିଥିଲେ । ପ୍ରଥମେ ବିଧାୟକ ହେବା ପରେ ରକ୍ତତୀର୍ଥ ତୁଡିଗଡିଆକୁ ପର୍ଯ୍ୟଟନକ୍ଷେତ୍ର ଭାବେ ଘୋଷଣା କରାଇବା ଏବଂ ପରେ ଏହି କ୍ଷେତ୍ରରେ ଶହୀଦ ଭବନ ଓ ତତ୍‌ସଂଲଗ୍ନ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ୬୫ଲକ୍ଷ ଟଙ୍କା, ଖଇରାଡିହିକୁ ସଂଲଗ୍ନ କରୁଥିବା ଶହୀଦମାର୍ଗର ନିର୍ମାଣ ବାବଦରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯିବା ସହ ରଫେଦପୁର, ରାଇଗଡିଆ, ମଲ୍ଲିକାପୁର ଓ ଜହ୍ନିଆପଦା ଆଦି ଗ୍ରାମରେ ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରି ବିଜେଡି ସରକାର ଯଥାସମ୍ଭବ ବିକାଶ କରିବାକୁ ଉଦ୍ୟମ କରିଥିବା ବେଳେ ପ୍ରସିଦ୍ଧ ବକ୍ରେଶ୍ୱର ପୀଠକୁ ଯିବା ଆସିବା ପାଇଁ ବିଜୁ ସେତୁ ନିର୍ମାଣ ଭଳି ଉନ୍ନୟନମୂଳକ କାର୍ଯ୍ୟ ଆଧାରରେ ଏଥର ବିଜୟ ସୁନିଶ୍ଚିତ ବୋଲି ବିଜେଡି କର୍ମୀମାନେ ଦାବି କରିଛନ୍ତି। ହେଲେ ବକ୍ରେଶ୍ୱର ଭଳି ପୁରାତନ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ କୌଣସି ଅନୁଦାନ ଦିଆ ନ ଯିବା ଓ ତୁଡିଗଡିଆ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ କୌଣସି ଉଦ୍ୟମ କରାଯାଇ ନ ଥିବାରୁ ଏହା ଭୋଟ ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି । ବିଜେଡିର ଜଣେ ସୁସଙ୍ଗଠକ ତଥା ବିଜୁ ଛାତ୍ର ଜନତା ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସିଥିବା ମାନସ ଏ ଜୋନରେ ହୋଇଥିବା ବିକାଶକୁ ପାଥେୟ କରି ଭୋଟଭିକ୍ଷା କରୁଛନ୍ତି । ତାଙ୍କ ସପକ୍ଷରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଭିନ୍ନ ୱାର୍ଡ ବୁଲି ପ୍ରଚାର କରିବା ସହ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ଭାଜପାରୁ ପ୍ରାର୍ଥୀ ହୋଇଥିବା ରାଜେଶ ଜଣେ ଉଚ୍ଚଶିକ୍ଷିତ ଯୁବକ ଭାବେ ଚାକିରି ଛାଡି ଜଣେ ଉଦ୍ୟୋଗପତି ହେବା ପାଇଁ ସଂଘର୍ଷ କରିଥିଲେ। ଏହି ଅବସରରେ ବିଭିନ୍ନ ଗରିବ ଅସହାୟଙ୍କୁ ସହାୟତା ପ୍ରଦାନ, ସ୍କୁଲ ପ୍ରତିଷ୍ଠାନକୁ ସହାୟତା ଆଦି ପ୍ରଦାନ କରି ଚିହ୍ନା ମୁହଁ ପାଲଟିଯାଇଛନ୍ତି । ତାଙ୍କ ପାଇଁ ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ସଂଖ୍ୟାଲଘୁ ସେଲର ସଭାପତି ସିକନ୍ଦର ଅଲ୍ଲୀ, ଯୁବନେତା ନୀଳମାଧବ ପଣ୍ଡା ପ୍ରମୁଖ ପ୍ରଚାରକୁ ଓହ୍ଲାଇବା ପରେ ଭାଜପା କର୍ମୀମାନେ ସମ୍ମାନର ପ୍ରଶ୍ନ ଉଠାଇ ଉତ୍ସାହର ସହ କାର୍ଯ୍ୟରେ ଲାଗିପଡିଥିବା ଦେଖିବାକୁ ମିଳିଛି । ବିଜୟୀ ହେଲେ ମୌଳିକ ସମସ୍ୟା ପୂରଣ କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ତେବେ ରାଜନୀତିରେ ଅନଭିଜ୍ଞ ଥିବା ରାଜେଶ ଅଭିଜ୍ଞ ମାନସଙ୍କୁ କିଭଳି ମୁକାବିଲା କରିବେ ତାହା ନିର୍ବାଚନ ଫଳାଫଳରୁ ଜଣାପଡିବ । କଂଗ୍ରେସର ବସନ୍ତ ତାଙ୍କର ପୂର୍ବ ଭୋଟ ବ୍ୟାଙ୍କ ବଢାଇବାକୁ ପ୍ରଚାର କରୁଥିବା ବେଳେ ଆପର ଶୁଭାଶିଷ ମଧ୍ୟରେ ଶକ୍ତି ପରଖିବାକୁ ଦଳର ବିଚାରଧାରାକୁ ପାଥେୟ କରି ଭୋଟଭିକ୍ଷା କରୁଛନ୍ତି।

# ‘ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ’

## ପ୍ରଚାର କଲେ ସୁବାସିନୀ

**ବାରିପଦା ଅଫିସ,୧୭।୨**

ମୟୂରଭଞ୍ଜ ଜିଲାର ସର୍ବବୃହତ ବଡ଼ସାହି ବ୍ଲକ ଅଧୀନ ୩୦ଟି ପଞ୍ଚାୟତର ଜନସାଧାରଣ ଆସନ୍ତା ୨୦ ତାରିଖ ତୃତୀୟ ପର୍ଯ୍ୟାୟରେ ମତାଧିକାର ସାବ୍ୟସ୍ତ କରିବେ। ଏହି ବ୍ଲକର ୩ଟି ଜିଲାପରିଷଦ ଜୋନ୍ ମଧ୍ୟରୁ ୨୩ନଂ. ଜୋନ୍‌ଟି ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଆସୁଛି। ଏହି ଜୋନ୍‌କୁ ହାତେଇବା ପାଇଁ ବିଭିନ୍ନ ଦଳ ପକ୍ଷରୁ କସରତ ଜାରି ରହିଥିବା ବେଳେ ଭୋଟରମାନେ ଉପଯୁକ୍ତ ତଥା ଶିକ୍ଷିତ ପ୍ରାର୍ଥୀଙ୍କ ନିକଟତର ହେବାରେ ଲାଗିଛନ୍ତି। ଏହି ବ୍ଲକର ୨୨,୨୩ ଓ ୨୪ନଂ. ଜୋନ୍‌ରେ ପ୍ରାର୍ଥୀମାନେ ଭୋଟ ଆପଣାଇବା ପାଇଁ ବିଭିନ୍ନ କୌଶଳ ଜାରି ରଖିଛନ୍ତି । ଉକ୍ତ ଜୋନରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବ ବୋଲି ପ୍ରାଥମିକ ଆକଳନ କରାଯାଉଥିବା ବେଳେ ୨୩ନଂ. ଜୋନ୍ ଉପରେ ସମସ୍ତଙ୍କର ନଜର ରହିଛି। ଏହି ଜୋନ୍‌ରେ ଥିବା ପଞ୍ଚାୟତଗୁଡ଼ିକ ମଧ୍ୟରୁ ଶିଆଳିଘାଟୀ ପଞ୍ଚାୟତରେ ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ପୈତୃକ ଘର। ସେ ୩ଥର ବିଧାୟକ ଭାବେ ନିର୍ବାଚିତ ହେବା ସହ ଦୁଇଥର ମନ୍ତ୍ରୀ ପଦରେ ରହିଛନ୍ତି। ନିର୍ବାଚନ ମଣ୍ଡଳୀରେ ଗୋଲକଙ୍କ ପ୍ରତି ବିପୁଳ ଜନସମର୍ଥନ ମଧ୍ୟ ରହିଛି। ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ତାଙ୍କ ସ୍ତ୍ରୀ ସୁବାସିନୀ ନାଏକ ୨୩ନଂ. ଜୋନ୍‌ରେ ବିଜେଡିରୁ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ଉଚ୍ଚ ଶିକ୍ଷିତା ସୁବାସିନୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଜନତାଙ୍କ ସେବାରେ ବ୍ରତୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ରାଜନୈତିକ ପରିବାରରୁ ଆସିଥିବା ନିର୍ବାଚନରେ ବିଜୟୀ ହେଲେ ଅଞ୍ଚଳର ସାମଗ୍ରିକ ବିକାଶ ସହିତ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରିବେ ବୋଲି ସୁବାସିନୀ କହିଛନ୍ତି ।


ସମର୍ଥକଙ୍କ ସହ ସୁବାସିନୀ ଭୋଟରଙ୍କୁ ଭେଟୁଛନ୍ତି।

# ନିର୍ବାଚନୀ ହିଂସା ନେଇ ୬ ମାମଲା

**ବନ୍ତ, ୧୭।୨(ସ୍ୱ.ପ୍ର.)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହୋଇ ଆଗରପଡ଼ା ଥାନାରେ ୬ ମାମଲା ରୁଜୁ ହୋଇଛି। ବନ୍ତ ବ୍ଲକର ୧୫ ନଂ. ଜୋନ କାଦବରାଙ୍ଗ ପଞ୍ଚାୟତର ବନ୍ତଳା ଗ୍ରାମରେ ଗଣ୍ଡଗୋଳ ଘଟି ମାମଲା (ନଂ. ୪୨/୨୨, ୪୪/୨୨, ୪୬/୨୨ ଓ ୪୭/୨୨) ରୁଜୁ ହୋଇଛି। ସେହିପରି ବଡ଼ମହିଷଗୋଠ ପଞ୍ଚାୟତ ଟିଙ୍କିରା ଗ୍ରାମରେ ଗଣ୍ଡଗୋଳ ନେଇ ମାମଲା (ନଂ. ୪୩/୨୨ ଓ ୪୫/୨୨) ରୁଜୁ ହୋଇଛି। ଆଡିଆରେ ଭୋଟ ଦେବାକୁ ଯାଇଥିବା ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ନେଇ ଅଭିଯୋଗ ପରେ ମାମଲା (ନଂ. ୪୮/୨୨) ରୁଜୁ ହୋଇଥିବା ଜଣାପଡ଼ିଛି। ବନ୍ତ ବ୍ଲକର ମୋଟ ୨୫ ପଞ୍ଚାୟତରେ ୩୩୮ ବୁଥ୍‌ରେ ୧ଲକ୍ଷ ୨୫ ହଜାର ୬୮୬ ଭୋଟର ମତଦାନ କରିଛନ୍ତି। ୧୧୧୩ ପୋଲିଂ ଅଫିସର ନିଯୁକ୍ତି ହୋଇଥିଲେ। ବୁଧବାର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ କେତେକ ବୁଥ୍‌ରେ ବହୁ ବିଳମ୍ବ ପର୍ଯ୍ୟନ୍ତ ମତଦାନ ଚାଲିଥିବା ଜଣାପଡ଼ିଛି।


କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରାଯାଉଛି।

# କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ବାସୁଦେବପୁର, ୧୭।୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ୧୮ନଂ. ଜିଲା ପରିଷଦ ଜୋନ୍‌ର ଗୁଆଗଡ଼ିଆ ପଞ୍ଚାୟତରେ କଂଗ୍ରେସ ତରଫରୁ ଜିଲା ପରିଷଦ ପ୍ରାର୍ଥୀ ବୁଦ୍ଧିରାମ ସେଠୀ ଓ ଗୁଆଗଡ଼ିଆ ପଞ୍ଚାୟତରୁ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଉମାକାନ୍ତ ମଳିକ, ସମିତିସଭ୍ୟ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ଦଳେଇ ତଥା ୱାର୍ଡ଼ସଭ୍ୟଙ୍କ ପାଇଁ କଂଗ୍ରେସ ନେତା ତଥା ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ ନିର୍ବାଚନ ପ୍ରଚାର କରିଛନ୍ତି। ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସମର୍ଥକ ଏକ ବାଇକ୍ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଅସଫଳତା ଓ ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି କଂଗ୍ରେସ ଦଳ ଭୋଟରମାନଙ୍କୁ ମନାଇବାକୁ ଜୋରଦାର ଉଦ୍ୟମ ଚଳାଇଛି। ୱାର୍ଡ଼ ୱାର୍ଡ଼ ବୁଲି କଂଗ୍ରେସ ଦଳ ଜିଲା ପରିଷଦ ପ୍ରାର୍ଥୀ ବୁଦ୍ଧିରାମ ସେଠୀ ଓ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଉମାକାନ୍ତ ମଳିକ, ସମିତିସଭ୍ୟ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ଦଳେଇ ଏହି ନିର୍ବାଚନ ପ୍ରଚାରରେ ସାମିଲ ଥିଲେ।

# ୫୨ ବୁଥ୍ ଉତ୍ତେଜନା ପ୍ରବଣ

**ଭଣ୍ଡାରିପୋଖରୀ, ୧୭।୨(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୨୩ ପଞ୍ଚାୟତରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ବୁଧବାର ବ୍ଲକର ୩୧୬ଟି ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଧିକାରୀ,ଜଣେ ପ୍ରଥମ ପୋଲିଂ ଅଧିକାରୀ,ଜଣେ ଦ୍ୱିତୀୟ ପୋଲିଂ ଅଧିକାରୀ ଓ ଜଣେ ସୁରକ୍ଷା କର୍ମୀ ରହିଛନ୍ତି। ବ୍ଲକରେ ଚିହ୍ନଟ ହୋଇଥିବା ୩ଟି ଅତି ଉତ୍ତେଜନା ପ୍ରବଣ ବୁଥତ୍‌ରେ ସିସିଟିଭି କ୍ୟାମେରା ସହ ଅତିରିକ୍ତ ସୁରକ୍ଷାବଳ ନିୟୋଜିତ କରାଯାଇଛି। ୫୨ ଉତ୍ତେଜନା ପ୍ରବଣ ବୁଥ୍‌ରେ ସଶସ୍ତ୍ର ସୁରକ୍ଷାବଳ ମଧ୍ୟ ନିୟୋଜିତ କରାଯାଇଛି। ଏହି ପଞ୍ଚାୟତ ନିର୍ବାଚନରେ ବ୍ଲକର ମୋଟ ୧,୧୨,୪୦୪ ଜଣ ଭୋଟର ମତଦାନ କରିବେ। ଏହି ଭୋଟରଙ୍କ ମଧ୍ୟରୁ ୫୭,୦୨୮ ଜଣ ପୁରୁଷ ଭୋଟର ଥିବାବେଳେ ୫୫,୩୭୬ ମହିଳା ଭୋଟର ରହିଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ୧୧ଟି ମୋବାଇଲ ପାଟ୍ରୋଲିଂ ପାର୍ଟି ଓ ୪ଟି ବାଇକ୍ ପାଟ୍ରୋଲିଂ ,୨ ପ୍ଲାଟୁନ ସଶସ୍ତ୍ର ପୋଲିସ ମୃତୟନ ବ୍ୟବସ୍ଥା ମଧ୍ୟ ହୋଇଛି। ୫ ଜଣ ଇନିସ୍ପେକ୍ଟର ଓ ଫ୍ଲାଇଂ ସ୍କାଡ୍ ଗଠନ ହୋଇଛି।

























ଧରିତ୍ରୀ
DHARITRI
ଶୁକ୍ରବାର, ୧୮ ଫେବୃୟାରୀ, ୨୦୨୨

## ବ୍ୟାଙ୍କ ଛାତରୁ ଖସିଲା କଂକ୍ରିଟ

**ବାଲେଶ୍ୱର ଅଫିସ:** ବାଲେଶ୍ୱର ସହର ସିନେମାଛକସ୍ଥିତ ଶହୀଦପାର୍କ ମାର୍କେଟ କମ୍ପ୍ଲେକ୍ସରେ ଥିବା ଆହ୍ଲାବାଦ ବ୍ୟାଙ୍କ ଛାତରୁ ବୁଧବାର ରାତିରେ ଅର୍ଦ୍ଧାଧିକ ଫଲ୍ସ ଖସିଥିଲା। ଭଗ୍ନାଂଶ ପଡ଼ି ବ୍ୟାଙ୍କର ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଗୁରୁବାର ମ୍ୟାନେଜର ଓ କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ଗୋଟିଏ ପାର୍ଶ୍ୱରେ ବସି କାର୍ଯ୍ୟ କରୁଥିଲେ। ପରେ ମଧ୍ୟାହ୍ନ ୧୨ଟାରେ ପୁଣି କିଛି ଛାତର ଅଂଶ ତଳେ ପଡ଼ିଥିଲା। ବ୍ୟାଙ୍କରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ କିଛି ପଡ଼ିଥିଲେ ମଧ୍ୟ ସମସ୍ତେ ବାହାରକୁ ବାହାରି ଯାଇଥିଲେ।



## ସଂକ୍ଷେପରେ

### ନିର୍ବାଚନୀ ଗଣ୍ଡଗୋଳକୁ ନେଇ ୩ ମାମଲା

ପାଟଣା,୧୭।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମାଧପୁରରେ ବୁଧବାର ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ସଂଘଟିତ ଗଣ୍ଡଗୋଳକୁ ନେଇ ଥାନାରେ ବିଜେଡି ପକ୍ଷରୁ ୨ଟି ଓ ଭାଜପା ପକ୍ଷରୁ ଗୋଟିଏ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ପାଟଣା ମୁଖ୍ୟାଳୟ କଲ୍ୟାଣ ମଣ୍ଡପରେ ଗୁରୁବାର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ବିଜେଡି ନେତାମାନେ ବୁଧବାର ରାତିରେ ଭାଜପା କର୍ମୀଙ୍କ ଉପରେ ଆକ୍ରମଣ କରିଥିବା ନେଇ ଏହି ଖବରଦାତା ସମ୍ମିଳନୀରେ ଭାଜପା ସୂଚନା ଦେଇଛି। ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପାଟଣା ଥାନା ଘେରାଉ କରାଯିବ ବୋଲି ଜିଲା ଭାଜପା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶବିର ଦାଶ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଅଭୟ କୁମାର ବେହେରା, ବରିଷ୍ଠ ନେତା ଦୁର୍ଗାଚରଣ ନାୟକ,ବଡପାଟଣା ସରପଞ୍ଚ ପ୍ରାର୍ଥୀ ସୋମବାରି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ହୃଦଘାତରେ ମୃତ୍ୟୁ

ଧାମନଗର,୧୭।୨(ଡି.ଏନ.ଏ)- ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ପାହଡପୁର ଗ୍ରାମର ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ପରିଡା(୮୮)ଙ୍କର ବୁଧବାର ରାତିରେ ହୃଦଘାତରେ ମୃତ୍ୟୁ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ପରିଡା କଂଗ୍ରେସ ଦଳର ଜଣେ ସୁ ସଙ୍ଗଠକ ଥିଲେ। ସେ ଆନନ୍ଦପୁର ପଞ୍ଚାୟତରେ ୨ଥର ସରପଞ୍ଚ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦାସ, ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ମାଝୀ ଓ ପ୍ରମୋଦ ପୃଷ୍ଟି, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପତି,ପ୍ରମୋଦ ଆନ୍ଦିଆ ଓ ପ୍ରତାପ ସାମଲ, କଂଗ୍ରେସ ନେତା ରାମଚନ୍ଦ୍ର ଦାଶ ଓ ସଞ୍ଜୟ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଭାଜପା ରାଜ୍ୟ ସଭାପତିଙ୍କ ପ୍ରଚାର

ପାଟଣା,୧୭।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକର ୩ଟି ଜୋନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଗୁରୁବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ରୋଡ୍ ଶୋ ଓ ଶୋଭାଯାତ୍ରା ମାଧ୍ୟମରେ ମାରାଥନ ପ୍ରଚାର କରିଛନ୍ତି। ପ୍ରଥମେ ସେ ୨୧ନଂ. ଜୋନ୍ ପ୍ରାର୍ଥୀ ସତ୍ୟବ୍ରତ ନାଏକଙ୍କ ସକାଶେ ଖିରେଇଟାଙ୍ଗିରି ଟାଙ୍ଗରାଣୀ ଶାଳଠାରୁ ମା'ଙ୍କର ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କରିଥିଲେ। ପରେ ସେ କେନ୍ଦେଇପଶିର ଏକ ସାଧାରଣ ସଭାରେ ଯୋଗଦେଇ ୨୨ନଂ. ଜୋନ୍ ପ୍ରାର୍ଥୀନୀ ଦାଶମତି ଚାତାରଙ୍କ ପାଇଁ ପ୍ରଚାର କରିଥିଲେ। ଏହାପରେ ଭାଜପା ସଭାପତି ୪୯ନଂ.ଜାତୀୟ ରାଜପଥରେ ଏକ ରୋଡ୍‌ଶୋରେ ବାଁଉଶୂଳୀରେ ପ୍ରଚାର କରିଥିଲେ। ଶେଷରେ ୨୩ନଂ. ଜିଲା ପରିଷଦ ପ୍ରାର୍ଥିନୀ ସଂଗୀତା ରାଣୀ ପଣ୍ଡାଙ୍କ ପାଇଁ ମଲ୍ଲୀପଶିଠାରେ ପ୍ରଚାର କରିଥିଲେ।

### ଧୂଷୁରୀରେ ଜୋନସ୍ତରୀୟ ନିର୍ବାଚନୀ ସଭା

ଧାମନଗର, ୧୭।୨(ଡି.ଏନ.ଏ.)-ଧାମନଗର ବ୍ଲକରେ ଥିବା ୪ଟି ଜୋନରେ ଏବେ ବିଜେଡ଼ିର ନିର୍ବାଚନୀ ସଭା ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରାଯିବାକୁ ଉଦ୍ୟମ କରାଯାଉଛି। ଗୁରୁବାର ଧୂଷୁରୀ ମେଡିକାଲ ପଡ଼ିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡ଼ି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଲବନ୍ତରାଏ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଅଧ୍ୟକ୍ଷ ଅଶୋକ ନାୟକ, ନାରିନେତ୍ରୀ ନିବେଦିତା ଜେନା, ଧୂଷୁରୀ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ନିଶିକାନ୍ତ ସ୍ୱାଇଁ, ସମିତିସଭ୍ୟ ପ୍ରାର୍ଥୀ କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ର ୨୨ ବର୍ଷ ଶାସନ କାଳ ମଧ୍ୟରେ ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଧୂଷୁରୀ ଜୋନର ବିଭିନ୍ନ ପଞ୍ଚାୟତର ବିଜେଡ଼ି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟାନ୍ୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

କେନ୍ଦୁଝର,୧୭।୨ (ସ୍ୱ.ପ୍ର.)



କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ କରୁଥିବା ଛାତ୍ରୀଛାତ୍ର।

କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନ୍‌ଲାଇନ ପରୀକ୍ଷା ଦାବିରେ ଛାତ୍ରଛାତ୍ରୀମାନେ ଗୁରୁବାର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇ ପ୍ରତିବାଦ କରିଛନ୍ତି। ଯୁକ୍ତ ୩ ଶେଷ ବର୍ଷର ପଞ୍ଚମ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆସନ୍ତା ୨୬ରୁ ଅଫ୍‌ଲାଇନରେ ହେବାକୁ ଅଛି। ଏଣୁ ପାଠ ପଢ଼ା ଅନ୍‌ଲାଇନରେ ହୋଇଥିବାରୁ ପରୀକ୍ଷା ଅନଲାଇନରେ କରିବା ପାଇଁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ସେହିପରି ପାଠ୍ୟକ୍ରମ ଶେଷ ହୋଇ ନ ଥିବା ଏବଂ ତରବରିଆ ଭାବରେ ଅନ୍‌ଲାଇନରେ ପାଠ ପଢା ହୋଇଥିବାରୁ ଛାତ୍ରଛାତ୍ରୀ ଠିକ୍ ଭାବରେ ପାଠ ପଢି ପାରିନାହାଁନ୍ତି ବୋଲି କହିଛନ୍ତି। କଲେଜ ଅଧ୍ୟକ୍ଷ ନରେନ୍ଦ୍ର ସାହୁ ପିଲାଙ୍କ ପାଖକୁ ଆସି ବୁଝାଶୁଝା କରି ସରକାରଙ୍କ ନିଷ୍ପତ୍ତି ଅଫ୍‌ଲାଇନରେ ହେବ ବୋଲି ଚିଠି ଦେଖାଇଥିଲେ। ଲିଖିତଭାବେ ଛାତ୍ରଛାତ୍ରୀ ତାଙ୍କ ସମସ୍ୟା ଜଣାଇଲେ ଅଫ୍‌ଲାଇନରେ ହେବାକୁ ଥିବା ପରୀକ୍ଷାରେ ଦୁଇଟି ବିଷୟ ମଧ୍ୟରେ ବ୍ୟବଧାନ ଦୁଇ ତିନି ଦିନ ରଖିବା ନେଇ ବିଚାର କରାଯିବ ବୋଲି ଅଧ୍ୟକ୍ଷ ସାହୁ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଆଲୋଚନା ସମୟରେ ଅଧ୍ୟକ୍ଷ ନରେନ୍ଦ୍ର ସାହୁଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ପଣ୍ଡା, ପ୍ରାଧ୍ୟାପକ ଶାନ୍ତନୁ କୁମାର ନାୟକ, ପ୍ରାଧ୍ୟାପକ ଦୋଳଗୋବିନ୍ଦ ରାଉତ, ପ୍ରାଧ୍ୟାପକ ଡ. ଅନିଲ କୁମାର ଦାସ, ପ୍ରାଧ୍ୟାପକ ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ଅଧ୍ୟାପକ ସୁଧାକର ଦାସ, ଅଧ୍ୟାପକ ଡକ୍ଟର ସୁଚିସ୍ମିତା ଆଚାର୍ଯ୍ୟ, ଅଧ୍ୟାପକ ଡକ୍ଟର ଜୟଲକ୍ଷ୍ମୀ ମହାପାତ୍ର, ଅଧ୍ୟାପକ ଡକ୍ଟର ସରିତା ନାୟକ, ଅଧ୍ୟାପକ ଡକ୍ଟର ସୋନା ମୁର୍ମୁ, ଏମ୍‌ବିଏ ବିଭାଗର ଇତିଶ୍ରୀ ମହାନ୍ତିଙ୍କ ସମେତ ଅତିଥି ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

# ଆଜି ୫ ବ୍ଲକରେ ନିର୍ବାଚନ

ବାରିପଦା ଅଫିସ,୧୭।୨

**୩୦୦୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪ଲକ୍ଷ ୧୬ହଜାର ୩୧୪ ଭୋଟର**

ମୟୂରଭଞ୍ଜ ଜିଲାର ୫ଟି ବ୍ଲକରେ ଶୁକ୍ରବାର ଭୋଟଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ୩୦୦୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪ଲକ୍ଷ ୧୬ହଜାର ୩୧୪ଜଣ ଭୋଟର। ଜିଲାର ୨୬ଟି ବ୍ଲକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭ଟି ବ୍ଲକରେ ନିର୍ବାଚନ ଶେଷ ହୋଇଛି। ଶୁକ୍ରବାର କପ୍ତିପଦା, ବାରିପଦା, ବେତନଟୀ, ଶୁଳିଆପଦା ଓ ସାରସକଣା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ଏହି ୫ଟି ବ୍ଲକରେ ନିର୍ବାଚନୀ ପ୍ରଚାର ବୁଧବାର ସନ୍ଧ୍ୟାରେ ଶେଷ ହୋଇଛି । ୧୨ଟି ଜିଲା ପରିଷଦ ସମେତ ୯୪ ସରପଞ୍ଚ ଓ ସମିତିସଭ୍ୟ ଏବଂ ୧୨୭୯ ୱାର୍ଡସଭ୍ୟ ଆସନ ପାଇଁ ଭୋଟଗ୍ରହଣ ହେବ। ଏହି ଆସନଗୁଡ଼ିକରେ ଯଥାକ୍ରମେ ୫୧, ୪୨୮, ୩୮୫ ଓ ୨୧୩୯ପ୍ରାର୍ଥୀଙ୍କୁ ମିଶାଇ ମୋଟ ୩୦୦୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟରମାନେ ନେତା ବାଛିବେ। ଏଥିପାଇଁ ୧୨୭୯ଟି ମତଦାନ କେନ୍ଦ୍ର ପ୍ରସ୍ତୁତି ସରିଥିବା ବେଳେ ନିୟୋଜିତ ପୋଲିଂ ଅଧିକାରୀ ଓ କର୍ମଚାରୀଗଣ ଆବଶ୍ୟକ ସରଞ୍ଜାମ ସହିତ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ସମ୍ପନ୍ନ ପାଇଁ ବ୍ୟାପକ ପୋଲିସ ମୃତୟନ କରାଯାଇ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟରମାନେ ଶୃଙ୍ଖଳିତ ଭାବରେ କୋଭିଡ଼ ନିୟମ ଅନୁପାଳନ ପୂର୍ବକ ନିଜର ମତଦାନ କରିବା ସମୟ ସୀମା ରହିଛି। ଏହାପରେ ସୁରକ୍ଷା ବଳୟରେ ଭୋଟବାକ୍ସ ଗୁଡ଼ିକ ବ୍ଲକ ମୁଖ୍ୟାଳୟରେ ଥିବା ଷ୍ଟ୍ରଙ୍ଗରୁମକୁ ନିଆଯାଇ ରଖାଯିବ । ଚଳିତ ମାସ ୨୬, ୨୭ ଓ ୨୮ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଭୋଟଗଣତି ହେବ ।

# ୨୯ନଂ. ଜୋନ୍‌ରେ ଭାଜପାର ପଦଯାତ୍ରା

**କେନ୍ଦ୍ର ଅର୍ଥକୁ ଲୁଟୁଛନ୍ତି ବିଜେଡି ନେତା : ଗୋଲକ**

ବାଲେଶ୍ୱର ଅଫିସ, ୧୭।୨

ବାଲେଶ୍ୱର ସଦର ବ୍ଲକରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପ୍ରଚାର ପାଇଁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ପ୍ରଭାରୀ ଗୋଲକ ମହାପାତ୍ର ଗୁରୁବାର ୨୯ନଂ. ଜୋନର ଛାନୁଆ ପଞ୍ଚାୟତରେ ଆୟୋଜିତ ପଦଯାତ୍ରାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ରାଜ୍ୟର ପ୍ରଗତି ପାଇଁ କେନ୍ଦ୍ର ସରକାର ପ୍ରବଳ ମାତ୍ରାରେ ଅର୍ଥ ପଠାଉଥିବାବେଳେ ବିଜେଡିର ନେତା ଓ କର୍ମୀମାନେ ଠିକାଦାର ସାଜି ଏହାକୁ ଲୁଟୁଛନ୍ତି। ଗତ ଉପନିର୍ବାଚନରେ ବିଜେଡି ଜିତିବା ପାଇଁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ତାହା ଆଜି ପାଣିର ଗାର ସଦୃଶ ପ୍ରମାଣିତ ହୋଇସାରିଛି। ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ସାଧାରଣ ଲୋକେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ଓ ଗରିବକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସରକାରୀ କଳ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ।

ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଯୋଗଦେଇ କେନ୍ଦ୍ର ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଜିତାଇବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ୨୯ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ବିଜୟ କୁମାର ନାୟକ, ସରପଞ୍ଚ ପ୍ରାର୍ଥିନୀ ଶାନ୍ତିଲତା ଦାସ, ସମିତିସଭ୍ୟା ପ୍ରାର୍ଥିନୀ ସଂଯୁକ୍ତା ଦାସ, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ଭାଗ୍ୟଧର ଦାସ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର ପ୍ରମୁଖ ବହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



କର୍ମକର୍ତ୍ତାଙ୍କ ସହ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ରଙ୍କ ପଦଯାତ୍ରା।

## ବିନା କାରଣରେ ୩ ଜଣଙ୍କୁ ଥାନାରେ ଅଟକ ରଖିବା ଅଭିଯୋଗ

ତେଲକୋଇ,୧୭।୨(ଡି.ଏନ.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ୧୯ ଓ ୨୦ ନଂ. ଜିଲା ପରିଷଦ ଜୋନରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଛି। ବିଭିନ୍ନ ରାଜନୈତିକ ଦଳ ନେତାଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ତେବେ ବୁଧବାର ରାତିରେ ତେଲକୋଇ ପୋଲିସ ବିନା କାରଣରେ ୩ଜଣଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖିବା ଅଭିଯୋଗ ହୋଇଛି। ଅଟକ ୩ ଜଣ ହେଲେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ, ଓରିଆ ସମିତି ସଭ୍ୟ ଦିଲ୍ଲୀପ କୁମାର ସାହୁ ଓ କୃଷକ ବନ୍ଧୁ ସାହୁ । ଖବର ପାଇ ଖବରଦାତାମାନେ ଥାନାକୁ ଯାଇ ଘଟଣା ସମ୍ପର୍କରେ ବୁଝିବାକୁ ଚାହିଁଥିବା ବେଳେ ଥାନା ଅଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିବାରୁ ଖବରଦାତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଶାସକ ଦଳର ହାତବାରିସୀ ସାଜି ପୋଲିସ ବିନା କାରଣରେ ୩ଜଣଙ୍କୁ ଥାନାରେ ଅଟକ ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ଥାନା ଅଧିକାରୀ କେଉଁ କାରଣ ପାଇଁ ସେମାନଙ୍କୁ ଥାନାକୁ ଆଣିଛନ୍ତି ସେ ନେଇ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

# ବଣ ଛାଡ଼ି ହାତୀ ସହରମୁହାଁ

## ୧୨ ଘଣ୍ଟା କସରତ ପରେ ଘଉଡାଇଲା ବନବିଭାଗ

ଜଳେଶ୍ୱର, ୧୭।୨(ଡି.ଏନ.ଏ.)



ବିରିଷପୁର ବିଦ୍ୟାଳୟ ନିକଟରେ ହାତୀ।

ବାଲେଶ୍ୱର ଜିଲାର ଜଳେଶ୍ୱର ସହରତଳି ସୁବର୍ଣ୍ଣରେଖା ନଦୀକୂଳ ଅଞ୍ଚଳକୁ ବୁଧବାର ରାତିରେ ଏକ ଦନ୍ତା ପଶିଆସିଥିଲା। ଗୁରୁବାର ସକାଳେ ଏହାକୁ ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଲୋକେ ଭୟଭୀତ ହୋଇ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ହାତୀ ବିରିଷପୁର, ଗୋପ, ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଘୁରିବୁଲୁଥିବା ବେଳେ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ନଦୀ ପାରି କରିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ଅପରାହ୍ନ ୫ଟା ବେଳକୁ ବନବିଭାଗ ଓ ସବୁଜ ବାହିନୀ ହାତୀକୁ ସୁବର୍ଣ୍ଣରେଖା ନଦୀ ପାରି କରାଇବାରୁ ସେ ରାଇବଣିଆ ଅଞ୍ଚଳକୁ ପଶିଥିଲା।

ଗୋଠଖଣ୍ଡିଆ ହାତୀଟି ଏକ ସପ୍ତାହ ପୂର୍ବେ ଏହି ଅଞ୍ଚଳରେ ଥିବା ବେଳେ ବନବିଭାଗ ରାସଗୋବିନ୍ଦପୁର ଜଙ୍ଗଲକୁ ଘଉଡ଼ାଇଥିଲେ। ଜଙ୍ଗଲ ଅଞ୍ଚଳଗୁଡ଼ିକ ସଙ୍କୁଚିତ ହେଉଥିବା ଯୋଗୁ ହାତୀଗୁଡ଼ିକ ଗାଁ ଓ ସହରମୁହାଁ ହେଉଛନ୍ତି। ହାତୀ ନଦୀକୂଳେ କୂଳେ ପରିବାଚାଷ ଖାଇବା ସହିତ ବ୍ୟାପକ ନଷ୍ଟ କରିଛି। ରାଇବଣିଆ ଅଞ୍ଚଳର ରଙ୍ଗାମାଟିଆ, ଆମ୍ବତୁମ୍ବା, ଜହ୍ନିଫୁଲିଆ ଜଙ୍ଗଲ ନିକଟରେ ଥିବା ଗାଁଗୁଡ଼ିକୁ ଚଳିତବର୍ଷ ବାରମ୍ବାର ହାତୀ ଉପଦ୍ରବ କରି ଆସୁଛନ୍ତି। ହାତୀ ଗ୍ରାମମୁହାଁ ହୋଇ ନ ପାରିବା ପାଇଁ କେତେକ ଅଞ୍ଚଳରେ ଟ୍ରେଞ୍ଚ ଖୋଳାଯାଇଥିଲେ ମଧ୍ୟ ତାହା କାମରେ ଆସୁନାହିଁ। ଖବର ଲେଖା ହେଲାବେଳକୁ ହାତୀଟି ପୁଣି ଫେରିଆସି ସୁବର୍ଣ୍ଣରେଖା ନଦୀର ପଠାରେ ବୁଲୁଥିବା ଦେଖିବାକୁ ମିଳିଛି।

# ଭାଜପା କର୍ମୀଙ୍କୁ ଧରିବାକୁ ଯାଇ ପୋଲିସ ହଟହଟା

ପାଟଣା,୧୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ୨୧ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ କଣ୍ଟିଆପଡା ପଞ୍ଚାୟତ ବଲାଣିପଶି ଗାଁରେ ବୁଧବାର ରାତି ଅଧରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଥିଲା। ୨ ଭାଜପା କର୍ମୀଙ୍କୁ ଘରୁ ପୋଲିସ ଉଠାଇ ଆଣିବାକୁ ଯାଇ ହଟହଟା ହୋଇଥିଲା।

ସୂଚନା ଅନୁଯାୟୀ, ମାନପୁର ଓ ବଲାଣିପଶି ଗାଁର ଦୁଇ ଭାଜପା କର୍ମୀ ବୁଧବାର ରାତି ୧ଟାରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବା ଅଭିଯୋଗ ପାଇ ଡୁରୁମୁଙ୍ଗା ପୋଲିସ ଅଳ୍ପ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ମାନପୁର ଗ୍ରାମର ଯୁବକଙ୍କୁ ଥାନା ଗାଡିରେ ଆଣି ଆଉ ଜଣକୁ ବଲାଣିପଶିରୁ ଆଣୁଥିବା ବେଳେ ପ୍ରଥମ ବ୍ୟକ୍ତି ପରିସ୍ରା ବାହାନା କରି ଦୌଡ଼ି ପଳାଇଥିଲେ। ସେ ଗାଁ ଲୋକଙ୍କ ଘର କବାଟ ବାଡେଇ ପୋଲିସ ଉଠାଇ ନେଉଥିବା କଥା କହିଥିଲେ। ଫଳରେ ଭାଜପା ଦଳର କେତେକ କର୍ମୀଙ୍କ ସହ ଗାଁଲୋକେ ପୋଲିସକୁ ଘେରି ରହିଥିଲେ। ଡୁରୁମୁଙ୍ଗାଥାନା ଅଧିକାରୀଙ୍କ ସହ ଅନ୍ୟ ପୋଲିସ କର୍ମଚାରୀଙ୍କୁ ବଲାଣିପଶି ଗାଁରେ ରାତି ତମାମ ଅଟକ ରଖିଥିଲେ। ପରେ ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ, ପାଟଣା ତହସିଲଦାର, ପାଟଣା,ଝୁମ୍ପୁରା,ଘଟଗାଁ ଓ ସଦର ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ଡୁରୁମୁଙ୍ଗା ପୋଲିସକୁ ଛାଡ଼ିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଯୋଡ଼ା,୧୭।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଚାକୁଣ୍ଡିରେ ବୁଧବାର ରାତିରେ ଜଣେ ଯୁବକ ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଜୟ କୁମାର ଦାସ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁ କରିଛି। ଘରୋଇ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

# ଆଜି ତେଲକୋଇ,ହରିଚନ୍ଦନପୁର ବ୍ଲକରେ ଭୋଟ

କେନ୍ଦୁଝର,୧୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ୩ଟି ଏବଂ ତେଲକୋଇ ବ୍ଲକର ୨ଟି ଜୋନ୍‌ରେ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବ। ହରିଚନ୍ଦନପୁର ବ୍ଲକର ୨୫ଟି ପଞ୍ଚାୟତର ୩୨୧ଟି ୱାର୍ଡରେ ୧ଲକ୍ଷ ୩ ହଜାର ୭୭୮ ଏବଂ ତେଲକୋଇ ବ୍ଲକର ୨୨ଟି ପଞ୍ଚାୟତର ୨୪୮ଟି ୱାର୍ଡରେ ୭୨ ହଜାର ୫୭୫ଜଣ ଭୋଟର ମତଦାନ କରିବେ। ହରିଚନ୍ଦନପୁର ବ୍ଲକର ମୋଟ ୩୨୧ଟି ବୁଥ ମଧ୍ୟରୁ ୪୨ଟି ବୁଥ ଉତ୍ତେଜନାପ୍ରବଣ ଏବଂ ୧୬ଟି ବୁଥ୍ ଅତି ଉତ୍ତେଜନାପୂର୍ଣ୍ଣ ରହିଛି। ନିର୍ବାଚନ କାର୍ଯ୍ୟରେ ୩୫୩ ପ୍ରିଜାଇଡିଂ ଅଫିସର, ୩୫୩ ଫାଷ୍ଟ ପୋଲିଂ ଅଫିସର,୩୫୩ ସେକେଣ୍ଡ ପୋଲିଂ ଅଫିସର ନିୟୋଜିତ ଅଛନ୍ତି। ନିର୍ବାଚନ ତଦାରଖ ପାଇଁ ଦଇତାରୀ,ହରିଚନ୍ଦନପୁର ଏବଂ ପଣ୍ଡାପଡା ଥାନା ଅଞ୍ଚଳରେ ମୋଟ ୨୫ଜଣ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଛି। ମତଦାନ ସରିଲେ ହରିଚନ୍ଦନପୁର ସରକାରୀ ବାଳକ ବିଦ୍ୟାଳୟରେ ବାଲାଟ ପେପର ଗ୍ରହଣ କରାଯିବ। ତେଲକୋଇ ବ୍ଲକର ୨୪୮ଟି ବୁଥ ମଧ୍ୟରୁ ୨୪ଟି ଉତ୍ତେଜନା ପ୍ରବଣ ଏବଂ ୧୯ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ରହିଛି। ତେଲକୋଇ ବ୍ଲକ ପାଇଁ ତେଲକୋଇ, କାଞ୍ଜିପାଣି ଥାନା ଅଞ୍ଚଳରେ ମୋଟ ୨୨ଜଣ ସେକ୍ଟର ଅଫିସର ନିଯୁକ୍ତି ହୋଇଛନ୍ତି। ନିର୍ବାଚନ କାର୍ଯ୍ୟରେ ୨୭୨ଜଣ ପ୍ରିଜାଇଡିଂ ଅଫିସର,୨୭୨ ଫାଷ୍ଟ ପୋଲିଂ ଅଫିସର ଏବଂ ୨୭୨ ସେକେଣ୍ଡ ପୋଲିଂ ଅଫିସର ନିୟୋଜିତ ଅଛନ୍ତି।

## କୁପାରୀ, ଡୁଡିଗଡ଼ିଆ ଜୋନ୍‌ରେ ଭାଜପା ରାଜ୍ୟ ନେତା

ଖଇରା, ୧୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୫ନଂ. ଡୁଡିଗଡ଼ିଆ ଜୋନ୍ ଓ ୩ନଂ. କୁପାରୀ ଜୋନ୍‌ରେ ଭାଜପା ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେଉଥିବା ବେଳେ ଭାଜପା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ପ୍ରସାଦ ମହାପାତ୍ର ଗୁରୁବାର ଜୋରଦାର ପ୍ରଚାର କରିଛନ୍ତି । କୁପାରୀ ବସ୍‌ଷ୍ଟାଣ୍ଡ ନିକଟରେ ମଣ୍ଡଳ ସଭାପତି ପତିତପାବନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ସମ୍ପାଦକ ମହାପାତ୍ର ନିଜ ବକ୍ତବ୍ୟରେ ବିଜେଡିର ୨୨ବର୍ଷର କାର୍ଯ୍ୟକୁ ନେଇ ସମାଲୋଚନା କରିଥିଲେ। ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଯୋଗଦେଇ ବିଜେଡି ପରାଜୟ ଭୟରେ ହିଂସାର ପଥ ଅବଲମ୍ବନ କରି ବିଜୟୀ ହେବାକୁ ଉଦ୍ୟମ କରୁଛି । ଏଣୁ ଭୋଟରମାନେ ସେମାନଙ୍କ ଧମକରେ ଭୟଭୀତ ନ ହୋଇ ଭାଜପା ୩ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ, କୁପାରୀ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଜ୍ୟୋତ୍ସ୍ନାରାଣୀ ଦାସ, ସମିତିସଭ୍ୟ ଅକ୍ଷୟ ଜେନାଙ୍କ ସମେତ ବର୍ତ୍ତନା, ହରିପୁର, ରଟିଣା, ବାଉଁଶଗଡିଆ, ହରିପୁର, ଗଡପୋଖରୀ, କଇଥଗଡିଆ, ନୟାଖଣ୍ଡି, ସାରକୋଣା, ବଡନୂଆଗାଁ ଆଦି ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ସମର୍ଥିତ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ ।

## ପ୍ରଚାର ବେଳେ ଠେଲାପେଲା

ଖଇରା,୧୭।୨(ଡି.ଏନ.ଏ.)

କୁପାରୀ ଜୋନରେ ଭାଜପା ପକ୍ଷରୁ ଗୁରୁବାର ବାଇକ ରାଲି କରାଯାଇଥିବା ବେଳେ କୁପାରୀ ପଞ୍ଚାୟତ ଚୁନନଟୀ ଗ୍ରାମରେ ଭାଜପା ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ ପଥପ୍ରାନ୍ତ ସଭାରେ ଯୋଗ ଦେଇ ୫ବର୍ଷରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଥିଲେ। ଏହି ସମୟରେ ବିଜେଡିର ଏକ ପ୍ରଚାର ଗାଡି ସଭା ନିକଟରେ ଛିଡା ହୋଇ ପ୍ରଚାରଗୀତକୁ ଉଚ୍ଚସ୍ୱରରେ ବଜାଇଥିଲା । ଯେଉଁଥିପାଇଁ ଭାଜପା ପ୍ରାର୍ଥୀଙ୍କ ଭାଷଣରେ ବାଧା ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ର କରି ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ଖଇରା ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ଏଥିରୁ ନିବୃତ୍ତ କରିଥିଲା। ସେହିଭଳି ସନ୍ଧ୍ୟାରେ କୁପାରୀ ବସ୍‌ଷ୍ଟାଣ୍ଡ ନିକଟରେ ରାଜ୍ୟନେତାଙ୍କ ଉପସ୍ଥିତିରେ ଏକ ସଭା ଚାଲିଥିବା ବେଳେ ପୁଣି ବିଜେଡି ସମର୍ଥକମାନେ ୨ଟି ପ୍ରଚାର ଗାଡି ଛିଡା କରି ସଭା ଭଣ୍ଡୁର କରିବାକୁ ଉଦ୍ୟମ କରିଥିବା ଭାଜପା ଅଭିଯୋଗ କରିଛି।

## ୩ ଦଫା ଦାବି ନେଇ ଧାମରା-ଭଦ୍ରକ ରାସ୍ତାରୋକୋ

ଚାନ୍ଦବାଲି, ୧୭।୨(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ପଞ୍ଚାୟତରେ ଧାମରା ବିକାଶ ମଞ୍ଚ ପକ୍ଷରୁ ୩ଦଫା ଦାବି ନେଇ ଗୁରୁବାର ଧାମରା-ଭଦ୍ରକ ରାସ୍ତାକୁ ୩ ଘଣ୍ଟା ଧରି ଅବରୋଧ କରାଯାଇଥିଲ। ବୁଧବାର ରାତିରେ ଧାମରା ପଞ୍ଚାୟତର ଶାସକ ଦଳର କେତେଜଣ ଯୁବକ ସେହି ପଞ୍ଚାୟତର ଝାଡ଼କାଟି ଗ୍ରାମର ବନ ମଣ୍ଡଳଙ୍କ ପୁଅ ଗୁରୁପଦଙ୍କ ଘରେ ପଶି ତାଙ୍କ ସ୍ତ୍ରୀକୁ ଅଶାଳୀନ ବ୍ୟବହାର କରିବା ସହ ଗୁରୁପଦଙ୍କୁ ରାତିରେ ବଳପୂର୍ବକ ଉଠାଇ ନେଇଥିଲେ । ଏନେଇ ଧାମରା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କର୍ମଚାରୀ ଅଭାବ ଦର୍ଶାଇ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା । ପରେ ଥାନାରେ ୬ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମାତ୍ର ଅପହୃତ ଗୁରୁପଦଙ୍କ ଖବର ମିଳି ପାରି ନ ଥିଲା । ଗୁରୁପଦଙ୍କୁ ଉଦ୍ଧାର କରିବା, ଅଭିଯୁକ୍ତଙ୍କୁ ଗିରଫ ଓ ଗୁରୁପଦଙ୍କ ପରିବାରକୁ ସୁରକ୍ଷା ଦାବିରେ ଧାମରା ବିକାଶ ମଞ୍ଚ ପକ୍ଷରୁ ଡିଆଇ ରୋଡ଼ଠାରେ ଧାମରା-ଭଦ୍ରକ ରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଡିଏସ୍‌ପି ନିବାସ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଲୋକେ ରାସ୍ତାରୁ ଉଠିଥିଲେ।

# ପେସା ଆଇନ ଲାଗୁ କରିବାକୁ ଦାବି



ସଭାରେ ଉପସ୍ଥିତ ଥିବା ଗ୍ରାମବାସୀ।

ଢେଙ୍କିକୋଟ,୧୭।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ପଞ୍ଚାୟତ ଅଧୀନ ଲଙ୍ଗଳକଣ୍ଟି ଗ୍ରାମବାସୀ ପେସା ଆଇନ ଲାଗୁ କରିବା ପାଇଁ ଦାବି କରିଛନ୍ତି। ଏନେଇ ଗୁରୁବାର ପୂର୍ବାହ୍ନରେ ଗ୍ରାମରେ ଥିବା ବାବା ବେଲେଶ୍ୱର ମନ୍ଦିର ସମ୍ମୁଖ ଆମ୍ବ ବଗିଚାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାମର ପ୍ରଫୁଲ୍ଲ ସିଂହ ସଭାପତିତ୍ୱ କରିଥିଲେ। ସଭା ପରିଚାଳନା କରିଥିଲେ ରୁଦ୍ରନାରାୟଣ ସିଂହ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଯୋଗ ଦେଇଥିଲେ। ଏହି ସଭାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣ ମାଧ୍ୟମରେ କେନ୍ଦୁଝର ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ଜଙ୍ଗଲ ସୁରକ୍ଷା ଆଇନ ଏବଂ ୧୯୮୬ରୁ କେନ୍ଦ୍ରରେ ପାରିତ ହୋଇଥିବା ପେସା ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଲଙ୍ଗଳକଣ୍ଟି ଗ୍ରାମବାସୀ ଏହି ଆଇନ ଲାଗୁ କରିବା ପାଇଁ ଏକ ରିଜୋଲେଶନ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପେସା ଆଇନ ଲାଗୁ ହେଲେ ଆଦିବାସୀମାନେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ଜନ କଲ୍ୟାଣ ଯୋଜନାର ସୁଫଳ ପାଇ ପାରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ଦୀପକ କୁମାର ସିଂହ, ହୃଷିକେଶ ନାୟକ, ଶୁକଦେବ ସିଂହ, ମନ୍ମଥ ଗିରି, ଶରତ ଚନ୍ଦ୍ର ନାୟକ, ଶତ୍ରୁଘ୍ନ ସିଂହ, ଜୟଦେବ ଗିରି ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ସିଂହ ଓ ଶ୍ରୀଧର ସିଂହ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଜୟଦେବ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

